# Akashvani, Sambalpur

## SAMBALPURI NEWS EVENING BULLETIN

## 28 April 2026-7.02- 7.12 pm.

---

୧- ରାଏଜେ ୨୦୩୬ ମସିହାତକ୍ ୩୪ ଟା ନୂଆଁ ଗ୍ରୀଡ୍ ଥାପ୍‌ନା କରାଯିବା- କହେଲେ ମୁଖ୍ୟମନ୍ତ୍ରୀ ।

- କେନ୍ଦୁଝର୍ ଜିଲ୍ଲା ଉଛାବାଲି ଠାନେ ୧ ହଜାର୍ ୬ ଶହ ୪୬ କୋଟି ଟଙ୍କା ଖର୍ଚ୍ଚାଥି ନୂଆଁ ବିଦ୍ୟୁତ୍ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର କଲେ ଶିଲାନ୍ୟାସ୍ ।

୨- ଉତ୍କଳ ଗୌରବ ମଧୁସୂଦନ୍ ଦାସ୍‌ଙ୍କର୍ ଶହେ ୭୮ ତମ ଜନ୍ମ ଜୟନ୍ତୀ ଅବ୍‌ସରେ ରାଜ୍ୟବାସୀ ଜନାଲେ ଶ୍ରଦ୍ଧାଞ୍ଜଳି ।

ଆଉର୍

୩- ରାଏଜେ ହେଉଛେ ଜବର୍ ଖରା ।

- ପହେଲା ଥର୍ ଲାଗି ଝାର୍‌ସୁଗୁଡ଼ାର୍ ତାପମାତ୍ରା ପାର୍ କଲା ୪୫ ଡିଗ୍ରୀ ।

ମୁଖ୍ୟମନ୍ତ୍ରୀ- କେନ୍ଦୁଝର୍          ଆଇ.ଆଣ୍ଡ୍.ପି.ଆର୍

ରାଏଜେ ୨୦୩୬ ମସିହାତକ୍ ୩୪ ଟା ନୂଆଁ ଗ୍ରୀଡ୍ ଥାପ୍ନା କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । କେନ୍ଦୁଝର୍ ଗସ୍ତର୍ ୨ ନମ୍ବର୍ ଦିନେ ଆଏଜ୍ ମୁଖ୍ୟମନ୍ତ୍ରୀ ଜିଲ୍ଲାର୍ ଉଛାବାଲି ହାଟପଡ଼ିଆ ଠାନେ ୧ ହଜାର୍ ୬ ଶହ ୪୬ କୋଟି ଟଙ୍କା ଖର୍ଚ୍ଚାଥି ଗୁଟେ ନୂଆଁ ବିଦ୍ୟୁତ୍ ଗ୍ରୀଡ୍ ସବ୍ଷ୍ଟେସନ୍ ସହେତେ ୨ ଟା ୨ ଶହ ୨୦ କେ.ଭି. ଗ୍ରୀଡ୍ ସବ୍ଷ୍ଟେସନ୍ ଆଉ ୫ ଟା ଟ୍ରାନ୍ସମିଶନ୍ ଲାଇନ୍‌ର ଶିଳାନ୍ୟାସ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ଗୁଣାତ୍ମକ ଆଉ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ବିକଶିତ୍ ସମାଜ୍‌ର ପରିଚୟ ଆଏ । ଆଝିରର୍ ଇ ଶିଳାନ୍ୟାସ୍ ଲାଗି ୭ ଲାଖ୍ ନୁ ଅଏତ୍‌କା ଉପଭୋକ୍ତା ବିଦ୍ୟୁତ୍ ସେବା ପାଇପାର୍‌ବେ । ପୂର୍ବଭାରତ୍ ନ କେନ୍ଦୁଝର୍ ଜିଲ୍ଲା ୨ ନମ୍ବର୍ ଜମ୍‌ସେଦ୍‌ପୁର୍ ଭାବେ ଉଭା ହେବା । ଏତ୍‌କର ମରାମତି ଲାଗି ଆଉ ବିଜ୍‌ଲି କାଟ୍ କର୍‌ବାର୍‌କେ ନାଇଁ ପଡ଼େ । ରାଜ୍ୟର୍ ବିଦ୍ୟୁତ୍ ପରିଚାଳନା ପ୍ରଣାଲୀକେ ସ୍ମାର୍ଟ କର୍‌ବାର୍ ଉପ୍‌ରେ ଜୋର୍ ଦେଇକରି ମୁଖ୍ୟମନ୍ତ୍ରୀ

କହିଛନ୍, ସର୍‌କାର୍ ରାଜ୍ୟକେ ଡିଜିଟାଲାଇଜେସନ୍ କର୍‌ବାର୍ ଦିଗେ ଆଗ୍‌କେ ନଉଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଅତ୍ୟାଧୁନିକ୍ ବ୍ୟବସ୍ଥା ସବୁ ଜିଲ୍ଲାର୍ ଶିଳ୍ପ ଅଭିବୃଦ୍ଧିକେ ତହଁକାବାର୍ ସହେତେ ରାଜ୍ୟର୍ ଭବିଷ୍ୟତ୍ ବିଦ୍ୟୁତ୍ ପରିବହନ୍ ବ୍ୟବସ୍ଥାକେ ବିଶ୍ୱସ୍ତରୀୟ କର୍‌ବା । କେନ୍ଦୁଝର୍ ନ ଜାପାନ୍‌ର ଜେ.ଏଫ୍.ଇ. ଷ୍ଟିଲ୍ ପ୍ଲାଂଟ୍ ଥାପ୍‌ନା କରାଯାଇକରି ଇଲେକ୍ଟ୍ରିକାଲ୍ ଷ୍ଟିଲ୍ ଉତ୍ପାଦନ୍ କରାଯିବା । ଜିଲ୍ଲା ନ ବଢୁଥିବା ଶିଳ୍ପ ଚାହିଦାକେ ନଜର୍‌ଥି ରଖିକରି ଆଏବା ୨୦ ବଚ୍ଛରର୍ ଆବଶ୍ୟକତାକେ ପୁରା କର୍‌ବା ବଲି ମୁଖ୍ୟମନ୍ତ୍ରୀ ଆଶ୍ କରିଛନ୍ । ତାର୍ ଉତ୍‌ରୁ ଜିଲ୍ଲାର୍ ପୁରୁଷୋତମ୍‌ପୁର୍‌ର ବି.ଏନ୍.କେ. ଉଚ୍ଚବିଦ୍ୟାଳୟର୍ ସୁବର୍ଣ୍ଣଜୟନ୍ତୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟକେ ପି.ଏମ୍.ଶ୍ରୀ ଉଚ୍ଚବିଦ୍ୟାଳୟ ଭାବେ ଉନ୍ନତିକରଣ୍ କର୍‌ବାର୍ ଲାଗି ୭ କୋଟି ଟଙ୍କା ଘୋଷ୍‌ନା କର୍‌ବାର୍ ସହେତେ କୁଟାରିପଷି ପଂଚାୟତ୍‌କେ ଗୁଟେ ଆଦର୍ଶ ପଂଚାୟତ୍ କରାଯିବା ବଲି ଘୋଷ୍‌ନା କରିଛନ୍ । ଗସ୍ତର୍ ୩ ନମ୍ବର୍ ଦିନେ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀ ଧରଣୀଧର ବିଶ୍ୱବିଦ୍ୟାଳୟ ନ ବହୁତ୍‌ଟେ

ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଲାନ୍ୟାସ୍ କର୍‌ବାର୍ ସହେତେ ଆମ ବସ୍ ରହଣୀସ୍ଥଲୀର୍ ଉଦ୍‌ଘାଟନ୍ କର୍‌ବେ ।

ମଧୁସୂଦନ୍ ଦାସ୍ ଜୟନ୍ତୀ          ଆର୍‌ଏନ୍‌ୟୁ କଟକ

ଉତ୍କଳ ଗୌରବ ମଧୁସୂଦନ୍ ଦାସ୍‌ଙ୍କର୍ ଶହେ ୭୮ ତମ ଜୟନ୍ତୀ ଅବ୍‌ସରେ ଆଏଜ୍ ତାଙ୍କୁ ସୁର୍‌ତା କରିକରି ତାଙ୍କର୍ ଜନମ୍ ମାଏଟ୍ କଟକ୍ ସହେତେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ କରାଯାଉଛେ ।

ମଧୁସୂଦନ୍ ଦାସ୍‌ଙ୍କର୍ ଜୟନ୍ତୀ ଅବ୍‌ସରେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କେନ୍ଦୁଝର୍ ଠାନେ ହେଇଥିବା ଗୁଟେ ଖାସ୍ କାର୍ଯକ୍ରମ୍‌ଥି ଯୋଗ୍ ଦେଇକରି ମଧୁବାବୁଙ୍କର୍ ପ୍ରତିମୂର୍ତିଥି ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, କେନ୍ଦୁଝର୍ ପ୍ରଜା ଆନ୍ଦୋଳନ୍ ସମିଆଥି ଝନେ ବିଚକ୍ଷଣ ଆଇନ୍‌ଜୀବୀ ଭାବେ ନ୍ୟାୟ ଦେବାର୍‌ଥି ମଧୁବାବୁଙ୍କର୍ ବହୁତ୍ ବଡ଼ ଭୂମିକା ରହିଥିଲା । ତାଙ୍କର୍ ଆଦର୍ଶଥି ଅନୁପ୍ରାଣିତ୍ ହେଇକରି ଗୁଟେ ସମୃଦ୍ଧ ଓଡ଼ିଶା ଗଠନ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ । ମଧୁବାବୁଙ୍କର୍ ଜନମ୍ ଜାଗା

ସତ୍ୟଭାମାପୁର୍‌କେ ଗୁଟେ ମୁଖିଆ ପର୍ଯ୍ୟଟନ୍ ସ୍ଥଲୀ ବନାବାର୍ ଲାଗି ସର୍‌କାର୍ ଖାସ୍ ଭିତିଭୂମି ତିଆର୍ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ମଧୁବାବୁଙ୍କର୍ ଶିଳ୍ପାୟନ୍‌ର ସପନ୍‌କେ ସାକାର୍ କର୍‌ବାର୍ ଲାଗି କେନ୍ଦୁଝର୍ ସହେତେ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ସ୍ଥାନୀୟ କାରିଗର୍‌ମାନ୍‌କୁ ସର୍‌କାର୍ ପ୍ରୋତ୍ସାହନ୍ ଯୁଗେଇ ଦଉଛନ୍ । ରାଜ୍ୟର୍ ସବୁ ଭିତ୍‌ରିଆ ଇଲାକାର୍ ବିକାଶ୍‌କେ ମୁଖିଆ ସ୍ରୋତ ସାଙ୍ଗେ ଜୁଡ଼୍‌ବାର୍ ଲାଗି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ସାଂସଦ୍ ଅନନ୍ତ ନାୟକ୍ ଆଉ ବହୁତ୍ ପ୍ରଶାସନିକ୍ ଅଧିକାରୀ ଯୋଗ୍ ଦେଇକରି ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ଇ ଅବ୍‌ସରେ ରାଜ୍ୟ ବିଧାନ୍‌ସଭା ପରିସର୍ ନ ଥିବା ମଧୁବାବୁଙ୍କର୍ ପ୍ରତିମୂର୍ତିଥି ବାଚସ୍ପତି ସୁରମା ପାଢ଼ୀ ଆଉ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ପ୍ରମୁଖ୍ ମାଲ୍ୟାର୍ପଣ୍ କର୍‌ବାର୍ ସହେତେ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ମଧୁସୂଦନ୍ ଦାସ୍ ଜୟନ୍ତୀ-ଜିଲ୍ଲା/ ସମ୍ବଲପୁର୍/ ନୂଆପଡ଼ା/ କଲାହାଣ୍ଡି/ ବର୍‌ଗଡ଼/ ବୌଦ୍ଧ

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ଉତ୍କଳ ଗୌରବ୍ ମଧୁସୂଦନ୍ ଦାସ୍‌ଙ୍କର୍ ଜୟନ୍ତୀ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ସମ୍ବଲ୍‌ପୁର୍ ଜିଲ୍ଲା କୁଚିଣ୍ଡା ଓକିଲ୍ ସଂଘ ତର୍‌ଫୁ ମଧୁବାବୁଙ୍କର୍ ଜୟନ୍ତୀ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମଧୁବାବୁଙ୍କର୍ ପ୍ରତିମୂର୍ତିଥି ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

କଲାହାଣ୍ଡି ଜିଲ୍ଲା ଓକିଲ ସଂଘ ତର୍‌ଫୁ କୋର୍ଟ ପରିସର୍ ନ ମଧୁବାବୁ ଜୟନ୍ତୀ ଆଉ ଆଇନ୍‌ଜୀବୀ ଦିବସ୍ ପାଲିତ୍ ହେଇଯାଇଛେ ।

ବର୍‌ଗଡ଼୍ ଜିଲ୍ଲା ଓକିଲ ସଂଘ ତର୍‌ଫୁ ଅଧିବକ୍ତା ଦିବସ୍ ପାଲନ୍ କରାଯାଇଛେ । ଉପଜିଲ୍ଲାପାଲ୍ ପ୍ରସନ୍ନ କୁମାର୍ ପଣ୍ଡେ ମଧୁବାବୁଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କର୍‌ବାର୍ ସହେତେ ଇ ଦିବସ୍ ପାଲନ୍‌ର ମହତ୍ତ୍ୱ ବାବ୍‌ଦେ ଆଲୋଚନା କରିଥିଲେ ।

ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଓକିଲ୍ ସଂଘ ଆଉ ଅଲ୍‌ଗା ଅନୁଷ୍ଠାନ୍ ତର୍‌ଫୁ ମଧୁବାବୁଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରାଯାଇଛେ । ବୌଦ୍ଧ ଜିଲ୍ଲା ନ୍ୟାୟାଳୟ ପରିସର୍ ନ ଆଏଜ୍ ଇ ଅବ୍‌ସରେ ଆଇନ୍‌ଜୀବୀ ଦିବସ୍ ପାଲନ୍ କରାଯାଇଛେ ।

ନୂଆପଡ଼ା ଜିଲ୍ଲା ଓକିଲ୍ ସଂଘ ତର୍‌ଫୁ ଭିଲ୍ ଇ ଦିବସ୍ ପାଲନ୍ କରାଯାଇଛେ ।

ଝାର୍‌ସୁଗୁଡ଼ା ଜିଲ୍ଲା ଓକିଲ୍ ସଂଘ ତର୍‌ଫୁ ଏମ୍‌ସିଏଲ୍ ଅଡିଟୋରିୟମ୍ ଠାନେ ମଧୁବାବୁ ଜୟନ୍ତୀ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ପୁରୀ, ତାଲ୍‌ଚେର୍, ଝାର୍‌ସୁଗୁଡ଼ା ଜିଲ୍ଲାର୍ ୩ ଝନ୍ ଓକିଲ୍‌ଙ୍କୁ ସମ୍ମାନିତ୍ କରାଯାଇଛେ ।

ସମ୍ମିଲନୀ ଆର୍‌ଏନ୍‌ୟୁ/ କଟକ୍

ନୀତି ପ୍ରଣୟନ୍ ଆଉ ସେବା ଦେବାର୍‌ଥି ପ୍ରଶାସନିକ୍ ତଥ୍ୟାବଳୀର ଫେର୍‌ଘାଏ ବେଭାର୍‌ର ଆବଶ୍ୟକତାକେ ନେଇକରି ଭୁବ୍‌ନେଶ୍ୱର୍ ନ ଆଏବା କାଏଲ୍‌ଠାନୁ ୨ ଦିନିଆ

ଜାତୀୟସ୍ତରୀୟ ସମ୍ମିଲନୀ ହେବା । ଉଦ୍‌ଘାଟନୀ ଅଧିବେଶନ୍‌ଥି କେନ୍ଦ୍ର ପରିସଂଖ୍ୟାନ୍ ଆଉ କାର୍ଯ୍ୟକ୍ରମ୍ ରୂପାୟନ୍ ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ୍ ସିଂ ଯୋଗ୍ ଦେବେ ।

ଜଳର ପୁନଃବ୍ୟବହାର୍ ନୀତି ଆଇ.ଆଣ୍ଡ୍.ପି.ଆର୍

ଜଲ୍ ସ୍ଥିରତାକେ ସୁନିଶ୍ଚିତ୍ କର୍‌ବାର୍ ସହେତେ ସହରାଂଚଲ୍ ନ ଆଉ ସହରାଂଚଲ୍ ବିକାଶ୍ କ୍ଷେତ୍ରଥି ଚକ୍ରାକାର୍ ଅର୍ଥନୀତିକେ ତହଁକାବାର୍ ଦିଗେ ରାଜ୍ୟ ସର୍‌କାର୍ ଯୁଗାନ୍ତକାରୀ ପଦକ୍ଷେପ୍ ନେଇଛନ୍ । ସର୍‌କାର୍ ଓଡ଼ିଶା ସହରାଂଚଲ୍ ଶୋଧିତ ବ୍ୟବହୃତ ଜଳର ପୁନଃବ୍ୟବହାର୍ ନୀତି -୨୦୨୬ କେ ଅଧିସୂଚିତ୍ କରିଛନ୍ । ନୂଆଁ ନୀତି ଅନ୍‌ସାରେ ୨୦୩୦ ତକ୍ ବେଭାର୍ ହେଇଥିବା ପାନିର୍ ଶହେ ପ୍ରତିଶତ୍ ସଂଗ୍ରହ ଆଉ ଶୋଧନ୍ ସହେତେ ୨୦ ପ୍ରତିଶତ୍ ପୁନଃବ୍ୟବହାର୍ ଆଉ ୨୦୩୬ ମସିହାତକ୍ ଇତାର୍ ୫୦ ପ୍ରତିଶତ୍ ପୁନଃ ବ୍ୟବହାର୍ ଲକ୍ଷ୍ୟ ରଖାଯାଇଛେ । ଶୋଧିତ୍ ହେଇଥିବା ପାଏନ୍‌କେ ରାସ୍ତା ସଫା ବଗିଚା କାମ୍, ଶିଳ୍ପ, ନିର୍ମାଣ୍ କାମ୍, ଜଲ୍‌ସେଚନ୍ ଆଉ ଜଲାଶୟମାନ୍‌କୁ ପୁନରୁଦ୍ଧାର୍ କାମ୍‌ଥି ବେଭାର୍ କରାଯିବା ।

ନୀତିର୍ କାର୍ଯ୍ୟକାରିତା ଲାଗି ରାଜ୍ୟ ଆଉ ଜିଲ୍ଲାସ୍ତର୍ ନ କମିଟି ଗଠନ୍ କରାଯିବା ।

ବୈଠକ୍ ସ୍ଥଗିତ୍ ଆର୍ଏନ୍ୟୁ/ କଟକ୍

ରାଏଜେ ବଢୁଥିବା ଖରାକେ ନଜର୍‌ଥି ରଖିକରି ରାଜ୍ୟ ସର୍‌କାର୍ ଆଗ୍‌ତୁରା ଛୁଟି ଘୋଷ୍‌ନା କରିଥିବାର୍‌ନୁ ଆଏବା ୩୦ ତାରିଖ୍ ହେବାର୍‌କେ ଥିବା ପହେଲା ଅଭିଭାବକ୍ ଶିକ୍ଷକ୍ ବୈଠକ୍‌କେ ସ୍ଥଗିତ୍ ରଖାଯାଇଛେ । ବୈଠକ୍‌ର ପରବର୍ତ୍ତୀ ତାରିଖ୍ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍ ଓସେପା ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ନିର୍ବାଚନ୍ ଆର୍ଏନ୍ୟୁ/ କଟକ

ପଶ୍ଚିମବଙ୍ଗ୍ ନ ୨ ନମ୍ବର୍ ଖେପ୍ ବିଧାନ୍‌ସଭା ନିର୍ବାଚନ୍ ଲାଗି ଆଏବା କାଏଲ୍ ୭ ଟା ଜିଲ୍ଲାର୍ ଶହେ ୪୨ ଟା ଆସନ୍ ଲାଗି ଭୋଟ୍ ହେବା । ଇ ଖେପେ ୩ କୋଟି ୨୦ ଲାଖ୍ ନୁ ଅଏତ୍‌କା

ଭୋଟର୍ ସେମାନ୍କର୍ ସାମ୍ବିଧାନିକ୍ ଅଧିକାର୍ ଜାହିର୍ କର୍ବେ । ସୂଚ୍ନା ଅନ୍ସାରେ ଇ ଖେପେ ୧ କୋଟି ୫୦ ଲାଖ୍ ନୁ ଅଏତ୍କା ମହିଳା ଭୋଟର୍ ଆଉ ୭ ଶହ ୯୨ ନୁ ଅଏତ୍କା ତୃତୀୟ ଲିଙ୍ଗି ଭୋଟର୍ ରହିଛନ୍ । ଆଏବା କାଏଲ୍ ହେବାର୍କେ ଥିବା ନିର୍ବାଚନ୍ଥି ୧ ହଜାର୍ ୪ ଶହ ୪୮ ଝନ୍ ପ୍ରାର୍ଥୀଙ୍କର୍ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ୍ ହେବା ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ନୂଆଦିଲ୍ଲୀ ଠାନେ ଆଏଜ୍ ଚଲ୍ତି ଶିକ୍ଷା ଅଧିବେଶନ୍ ଲାଗି ଜାତୀୟ ଶିକ୍ଷା ଗବେଷଣା ଆଉ ତାଲିମ୍ ପରିସର୍ ଏନ୍ସିଇଆର୍ଟି ତର୍ଫୁ ପ୍ରକାଶିତ୍ ପଢ଼ା ବହିର ଉପଲବ୍ଧତା, ମୁଦ୍ରଣ ଆଉ ବଂଟନ୍ର ସମୀକ୍ଷା କରିଛନ୍ । ଭିନ୍ ଭିନ୍ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ମାନ୍କେ ମହଜୁଦ୍ ଥିବାର୍ ବହିର୍ ସଂଖ୍ୟାକେ ମୂଲ୍ୟାଙ୍କନ୍ କରାଯାଇଛେ ଆଉ ଗାଁ ଇଲାକାର୍ ଛାତ୍ରଛାତ୍ରୀମାନ୍କୁ ଠିକ୍ ସମିଆଥି ବହି ଯୁଗେଇ ଦେବାର୍ ବ୍ୟବସ୍ଥାକେ ସୁନିଶ୍ଚିତ୍ କରାଯାଉଛେ ବଲି ମନ୍ତ୍ରଣାଳୟ ତର୍ଫୁ କୁହାଯାଇଛେ । ଇ

ଅବ୍‌ସରେ ଯୋଗାଣ୍ ଶୃଙ୍ଖଳକେ ମଜ୍‌ବୁତ୍ କର୍‌ବାର୍ ମୁଦ୍ରଣ କ୍ଷମତାକେ ବଢ଼ାବାର୍ ଆଉ ବିତରଣ ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଲାଗି ଅଧିକାରୀମାନ୍‌କୁ କେନ୍ଦ୍ରମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ଓଡ଼ିଆ ସିନ୍‌ମାକେ ୯୧ ବଛର୍ ଏକ୍ସ

ଓଡ଼ିଆ ସିନ୍‌ମା ଆଏଜ୍ ୯୧ ବଛର୍‌କେ ପାହା ଥାପିଛେ । ୧୯୩୬ ମସିହା ଆଝିରର୍ ଦିନେ ପହେଲା ଓଡ଼ିଆ ସିନ୍‌ମା ସୀତା ବିବାହ ପୁରୀ ଲକ୍ଷ୍ମୀ ଟକିଜ୍ ଠାନେ ମୁକ୍ତିଲାଭ କରିଥିଲା । ସେଦିନୁ ଆଏଜ୍‌ତକ୍ ଓଡ଼ିଆ ସିନ୍‌ମା ନୂଆଁ ପ୍ରଯୁକ୍ତି, କାହାଣୀ, ବିବିଧତା ଆର୍ ବୈଶ୍ୱିକ ପରିଚୟ ସହେତେ ଆଗ୍‌କେ ବଢୁଛେ । ଓଡ଼ିଆ ସିନ୍‌ମା ପ୍ରକୃତ୍ ଭାବେ ଓଡ଼ିଶାର୍ ସାଂସ୍କୃତିକ୍ ଗରିମା, ଲୋକ୍ ଜୀବନ୍‌ର କଥା ଆର୍ ସମାଜ୍‌ର ଭାବ୍‌ନାକେ ରୂପେଲି ପର୍ଦ୍ଦାଥି ଅମର୍ କରିଛେ ।

ଓଡ଼ିଆ ସିନେମା ଖାଲି ମନୋରଞ୍ଜନ୍‌ର ମାଧ୍ୟମ୍ ନୁହେଁସେ ଇଟା ଆମର୍ ସମାଜ୍‌ର ପ୍ରତିଛବି ଆଉ ସାଂସ୍କୃତିକ୍ ଜାଗରଣ୍‌ର ଗୁଟେ

ବର୍‌କସ୍ ସୁର୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ।

ଦୁର୍ଘଟଣା ଏକ୍ସ

ବଲାଙ୍ଗିର୍ ଜିଲ୍ଲା ଟିଟିଲାଗଡ଼୍ ଠାନେ ହେଇଥିବା ସଡ଼କ୍ ଦୁର୍ଘଟଣାଥି ୩ ଝନ୍ ଛୁଆଙ୍କର୍ ଜୀବନ୍ ଯିବାର୍ ଘଟ୍‌ନାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଭୀର ଦୁଃଖ ପ୍ରକାଶ୍ କରିଛନ୍ । ଇତାର୍‌ସହେତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ମୃତକଙ୍କର୍ ପରିବାର୍ ଲୁକ୍‌କୁ ୪ ଲାଖ୍ ଟଙ୍କା ଲେଖା ସାହାଜ୍ ଦେବାର୍ ଲାଗି ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଇମାନେ ଟିଟିଲାଗଡ଼୍‌ନୁ ସିର୍‌ଜାବାହାଲ୍‌କେ ଯାଉଥିବା ଗୁଟେ ପିକ୍‌ଅପ୍ ଭେନ୍‌ଥି ଯାଉଥିବାର୍ ବେଲେ ଉଲ୍‌ଟିପଡ଼ିକରି ଦୁର୍ଘଟଣା ହେଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖରାର୍ ପ୍ରକୋପ୍ ଜାରି ରହିଛେ । ଝାର୍ସୁଗୁଡ଼ା, ସୁବର୍ଣ୍ଣପୁର୍, ବୌଦ୍ଧ, ନୟାଗଡ଼୍, କଲାହାଣ୍ଡି, ବଲାଙ୍ଗିର୍ ଜିଲ୍ଲାକେ ଭୁବ୍ନେଶ୍ୱର୍ ଆଂଚଲିକ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ହିଟ୍ୱେଭ୍ ସତର୍କତା ଜାରି କରାଯାଇଛେ । ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ କେତେଟା ଜାଗା ନ ଚଡ଼କ୍ ମରା ସହେତେ ବର୍ଷା ହେବାର୍ ସମ୍ଭାବନା ରହିଛେ । ଇ ସମିଆଥି ସମୁଦ୍ର ଅଶାନ୍ତ ରହୁଥିବାର୍ନୁ ମତ୍ସ୍ୟଜୀବୀମାନ୍କୁ ସମୁଦ୍ର ଭିତର୍କେ ଯିବାର୍କେ ମନା କରାଯାଇଛେ ।

ଇ ବଛର୍ ପହେଲାଥର୍ ଲାଗି ଝାର୍ସୁଗୁଡ଼ା ତାପମାତ୍ରା ୪୫ ଡିଗ୍ରୀ ପାର୍ କରିକରି ରାଜ୍ୟର୍ ସବୁନୁ ତତ୍ଲା ସହର୍ ହେଇଛେ ।

ରାଏଜେ କାଲ୍ବୈଶାଖୀ ହେବାର୍ ସମ୍ଭାବନା ଥିବାର୍ ପାଣିପାଗ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଇତାର୍ ପ୍ରଭାବ୍ଥି ତାପମାତ୍ରା ୨ ନୁ ୩ ଡିଗ୍ରୀ ସେଲ୍ସିଅସ୍ତକ୍ କମ୍ବା ବଲି କୁହାଯାଇଛେ ।